# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**23 February – 2025**

## News Editor – Itishree Singh Rathaur

******************************************

## ମୁଖ୍ୟ ସମ୍ବାଦ

- କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଭାରତ ଦ୍ରୁତ ଅଗ୍ରଗତି କରୁଛି; ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ କହିଲେ ପ୍ରଧାନମନ୍ତ୍ରୀ

– ସୁସ୍ଥ ଓ ନିରୋଗ ରହିବା ପାଇଁ ଉତ୍ତମ ଜୀବନଶୈଳୀ ଆପଣାଇବାକୁ ଦେଲେ ପରାମର୍ଶ

- ପିଏମ୍ କିଶାନ ଯୋଜନାର ୧୯ତମ କିସ୍ତି ଆସନ୍ତାକାଲି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ

- ଯକ୍ଷ୍ମାମୁକ୍ତ ଭାରତ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଏବଂ

- ପଶ୍ଚିମାଝଡ଼ର ପ୍ରଭାବରେ ବର୍ଷା ହେବା ନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

*Desk*

# ମନ୍ କି ବାତ୍

ଭାରତ କୃତ୍ରିମ ବୁଦ୍ଧିମତା– ଏ.ଆଇ. କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରୁଛି। ଏହି କ୍ଷେତ୍ରରେ ଦେଶ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ନୂତନ ଜ୍ଞାନକୌଶଳକୁ ଗ୍ରହଣ କରିବା ଏବଂ କାର୍ଯ୍ୟକାରୀ କରିବା ଦିଗରେ ଭାରତୀୟମାନେ ନିପୁଣ। ଫ୍ରାନ୍ସଠାରେ ଅନୁଷ୍ଠିତ ଏ.ଆଇ ଶିଖର ସମ୍ମିଳନୀରେ ଭାରତର ଅଗ୍ରଗତିକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଇଛି ।

**V/O**

ଇସ୍ରୋର ସଫଳତା ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଇସ୍ରୋ ୧୦୦ତମ ରକେଟ୍ ଉତ୍କ୍ଷେପଣ କରି ମହାକାଶ ବିଜ୍ଞାନରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଗତ ୧୦ ବର୍ଷ ମଧ୍ୟରେ ଅନ୍ୟ ଦେଶର ସାଟେଲାଇଟ୍‌କୁ ମିଶାଇ ପ୍ରାୟ ୪୬୦ଟି ଉପଗ୍ରହ ମହାକାଶକୁ ଉତ୍କ୍ଷେପଣ କରାଯାଇଛି। ମହାକାଶ କ୍ଷେତ୍ର ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ସହ ଏ କ୍ଷେତ୍ରରେ ଷ୍ଟାର୍ଟ-ଅପ୍ ଓ ଘରୋଇ କମ୍ପାନୀ ଗୁଡ଼ିକର ସଂଖ୍ୟା ବୃଦ୍ଧି ପାଇଛି। ମହାକାଶ କ୍ଷେତ୍ରରେ ନାରୀଶକ୍ତିର ସଫଳତା ପ୍ରଶଂସନୀୟ ବୋଲି ଶ୍ରୀ ମୋଦୀ କହିଛନ୍ତି।

ଆସନ୍ତା ମାସ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ପ୍ରେରଣାଦାୟୀ ମହିଳାମାନଙ୍କୁ ଗୋଟିଏ ଦିନ ପାଇଁ ପ୍ରଧାନମନ୍ତ୍ରୀଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ବ୍ୟବହାର କରିବାର ସୁଯୋଗ ପ୍ରଦାନ କରାଯିବ ବୋଲି ଶ୍ରୀ ମୋଦୀ କହିଛନ୍ତି। ଇଚ୍ଛୁକ ମହିଳାମାନେ ନମୋ ଆପ୍‌ରେ ଗଠିତ ସ୍ୱତନ୍ତ୍ର ଫୋରମ୍ ମାଧ୍ୟମରେ ନିଜର କାର୍ଯ୍ୟ ଏବଂ ଅନୁଭୂତି ନେଇ ସୂଚନା ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଆସନ୍ତା ୨୮ ତାରିଖରେ ଅନନ୍ୟ ଉପାୟରେ ଜାତୀୟ ବିଜ୍ଞାନ ଦିବସ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଛନ୍ତି। ଗୋଟିଏ ଦିନ ପାଇଁ ଗବେଷଣାଗାର ତଥା ବିଜ୍ଞାନ ସହ ଜଡ଼ିତ ବିଭିନ୍ନ ସଂସ୍ଥାକୁ ପରିଦର୍ଶନ କରିବା ପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି।

ବନ୍ୟାପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କର ଅବଦାନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି। ଆସନ୍ତା ମାସ ପ୍ରାରମ୍ଭରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ କରାଯିବ । ବନ୍ୟଜନ୍ତୁ ସୁରକ୍ଷା ସହିତ ସମସ୍ତେ ଜଡିତ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଚଳିତବର୍ଷ 'ପରୀକ୍ଷା ପେ ଚର୍ଚ୍ଚା' ଆଲୋଚନା ଏକ ନୂତନ ଢଙ୍ଗରେ ଅନୁଷ୍ଠିତ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କୌଣସି ଚାପରେ

ନରହି ସକରାତ୍ମକ ଭାବନା ସହିତ ପରୀକ୍ଷା ଦେବାକୁ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ  ମେଦବହୁଳତା ରୋଗକୁ ନେଇ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ସଶକ୍ତ ଓ ସୁଦୃଢ ଭାରତ ଗଠନ ଦିଗରେ ସମସ୍ତେ ସୁସ୍ଥ ଓ ନିରୋଗ ରହିବା ଦରକାର। ଏ ନେଇ ବ୍ୟାୟାମ ସହ କମ ତେଲ ଯୁକ୍ତ ଖାଦ୍ୟ ଓ ସନ୍ତୁଳିତ ଆହାର ଖାଇବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

**V/O**

***Desk***

## ପିଏମ୍ କିଶାନ ସମ୍ମାନନିଧି ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧି ଯୋଜନାର ୧୯ତମ କିସ୍ତି ପ୍ରଦାନ କରିବେ। ଏହାଦ୍ୱାରା ସମଗ୍ର ଦେଶର ୯ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ୨୧ ହଜାର ୫୦୦ କୋଟି ଟଙ୍କାର ଆର୍ଥିକ ସହାୟତା ପାଇବେ। ସୂଚନା ଅନୁସାରେ, ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀ କୃଷକ ପରିବାରଙ୍କୁ ତିନୋଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କାର ସହାୟତା ରାଶି ଦିଆଯାଇଥାଏ।  ୨୦୧୯ ମସିହାରୁ ଏହି ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୧୧ କୋଟି କୃଷକ ପରିବାରଙ୍କୁ ୩ ଲକ୍ଷ ୪୬ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି।

***Desk***

## ମୁଖ୍ୟମନ୍ତ୍ରୀଙ୍କ ମହାକୁମ୍ଭ ବୁଡ଼

ଉତ୍ତରପ୍ରଦେଶ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରୟାଗରାଜ ମହାକୁମ୍ଭ ମେଳାରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି । ଓଡ଼ିଶାବାସୀଙ୍କ ପକ୍ଷରୁ ପ୍ରାର୍ଥନା କରିବା ସହ ସମସ୍ତଙ୍କ ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରିଥିବା ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ଏହି ପବିତ୍ର ସ୍ଥଳୀରେ କୋଟି କୋଟି ଶ୍ରଦ୍ଧାଳୁ ଏକତ୍ରୀତ ହୋଇ ଭାରତର ସମୃଦ୍ଧ, ସାଂସ୍କୃତିକ ଐତିହ୍ୟ ଏବଂ ଆଧ୍ୟାତ୍ମିକତାର ନିଦର୍ଶନ ପ୍ରତିପାଦନ କରୁଛନ୍ତି । ଭବ୍ୟ ଆୟୋଜନ ପାଇଁ ଉତ୍ତରପ୍ରଦେଶ ସରକାରଙ୍କ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି । ଶ୍ରୀ ମାଝୀ ଆସନ୍ତାକାଲି ଅଯୋଧ୍ୟାସ୍ଥିତ ଶ୍ରୀରାମମନ୍ଦିର ଯାଇ ରାମଲାଲାଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

***Desk***

## ଜନ ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଘୋଷଣା କରାଯିବା ନେଇ କୁହାଯାଇଛି ।

***Desk***

## ଧର୍ମେନ୍ଦ୍ର ପ୍ରଦାନ- ଯକ୍ଷ୍ମାମୁକ୍ତ ଭାରତ

ଜନଭାଗିଦାରୀ ମାଧ୍ୟମରେ ଦେଶରୁ ଯକ୍ଷ୍ମାର ମୂଳୋତ୍ପାଟନ ହୋଇପାରିବ। ଏଥିପାଇଁ ଟିବି ମୁକ୍ତ ଭାରତ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବାକୁ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅନୁଗୁଳଠାରେ ଆଜି ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ 'ନିକ୍ଷୟମିତ୍ର' କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଶ୍ରୀ ପ୍ରଧାନ କହିଛନ୍ତି, ଚଳିତ ବର୍ଷ ଶେଷ ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ସେ ଦେଶବାସୀଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ।

ଏହା ପୂର୍ବରୁ ଆଜି ସକାଳେ ଶ୍ରୀ ପ୍ରଧାନ ଅନୁଗୁଳ ଜିଲ୍ଲାରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ।

***Desk***

## ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ଆରମ୍ଭ

ଆନ୍ତର୍ଜାତିକ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳୀ ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆସନ୍ତାକାଲିଠାରୁ ଭୁବନେଶ୍ୱରଠାରେ ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ଆରମ୍ଭ ହେବ । ଭାରତୀୟ ବାଣିଜ୍ୟ ଶିଳ୍ପ ମହାସଂଘ ସହଭାଗିତାକରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଗଣମାଧ୍ୟମକୁ ଏହି

ସମ୍ପର୍କରେ ସୂଚନା ଦେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି ରାଜ୍ୟର ସାଂସ୍କୃତିକ ଐତିହ୍ୟ, ବେଳାଭୂମି, ଇକୋ ଟୁରିଜିମ ଏବଂ ପର୍ଯ୍ୟଟନ କ୍ଷେତ୍ର ଭିତ୍ତିଭୂମିର ବିକାଶ ଦିଗରେ ଏହି କାର୍ଯ୍ୟକ୍ରମ ସହଯୋଗ ପ୍ରଦାନ କରିବ ।

***HS***

## ସ୍ମାର୍ଟ କ୍ଲାସରୁମ୍ ଉଦ୍‌ଘାଟନ

ନବରଙ୍ଗପୁର ମହାବିଦ୍ୟାଳୟରେ ଶୈକ୍ଷିକ ଶ୍ରେଣୀ କୋଠା, ସ୍ମାର୍ଟ କ୍ଲାସରୁମ୍ ଓ ଇ-ଲାଇବ୍ରେରୀକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି। ସ୍ମାର୍ଟ କ୍ଲାସରୁମ୍ ଦ୍ୱାରା ବିଦ୍ୟାର୍ଥୀମାନେ ଉପକୃତ ହେବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ଦୁଇଜଣ ଛାତ୍ରୀଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି।

***Boudh***

## ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପିଏମ୍ ଅଜୟ ଯୋଜନା ଅର୍ନ୍ତଗତ ହିତାଧିକାରୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଏହି ଯୋଜନାରେ ତଫସିଲଭୁକ୍ତ ମହିଳା ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟାଙ୍କୁ ବିଭିନ୍ନ ଦକ୍ଷତା ବୃଦ୍ଧି ଉପରେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଯନ୍ତ୍ରପାତି କ୍ରୟ, ଆର୍ଥିକ ସବ୍‌ସିଡି, ପିଏମ୍ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା ଆଦି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା।

*Sambalpur*

## ସକ୍ଷମ ସାଇକ୍ଲୋଥନ

ଇନ୍ଧନ ସଂରକ୍ଷଣ ଓ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ସମ୍ବଲପୁରଠାରେ ଆଜି ସକ୍ଷମ ସାଇକ୍ଲୋଥନ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଏକ ସାଇକେଲ ରାଲୀ ସ୍ଥାନୀୟ ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜରୁ ବାହାରି ସହର ପରିକ୍ରମା କରିଥିଲା । ଇନ୍ଧନ ସଂରକ୍ଷଣ, ଶକ୍ତି ଦକ୍ଷତା ଓ ସ୍ଥାୟୀ ପରିବହନର ଉପାଦେୟତା ସମ୍ପର୍କରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ବ୍ୟାନର ଓ ସ୍ଲୋଗାନ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ । ପରିବେଶଗତ ସ୍ଥାୟିତ୍ୱ ପ୍ରତି ପ୍ରତିବଦ୍ଧତା ସୃଷ୍ଟି କରି ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ସାହ ଓ ସମର୍ଥନ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ।

*Boudh*

## ଶିକ୍ଷଣ କର୍ମଶାଳା

ବୌଦ୍ଧ ଜିଲ୍ଲା ମୁରସୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳାକୁ ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଉଦ୍‌ଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା ।

*Puri*

## ପଙ୍କଉଦ୍ଧାର ବେଶ

ପୁରୀ ଶ୍ରୀ ଲୋକନାଥଦେବଙ୍କ ପୀଠରେ ଆସନ୍ତାକାଲି ପଙ୍କଉଦ୍ଧାର ଏକାଦଶୀ ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ । ପରମ୍ପରା ଅନୁସାରେ

ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀଲୋକନାଥଦେବଙ୍କ ପ୍ରତ୍ୟକ୍ଷ ଶିବଲିଙ୍ଗ ଦର୍ଶନର ସୌଭାଗ୍ୟ ଆସନ୍ତାକାଲି ପ୍ରାପ୍ତି ହୋଇଥାଏ। ନୈବେଦ୍ୟ ପଙ୍କ କଢ଼ାଯିବା ପରେ ମହାସ୍ନାନ କରାଯାଇ ଶ୍ରଦ୍ଧାଳୁଙ୍କ ପାଇଁ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହେବ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।

***Desk***

## ଓସିଏ ସଭାପତି ନିର୍ବାଚିତ

ଓଡ଼ିଶା କ୍ରିକେଟ ଆସୋସିଏସନ୍- ଓସିଏ'ର ସଭାପତିଭାବେ ପଙ୍କଜ ଲୋଚନ ମହାନ୍ତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ଏକମାତ୍ର ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରଣବ ପ୍ରକାଶ ଦାସଙ୍କ ଇସ୍ତଫା ପରେ  ଓସିଏ ସଭାପତି ପଦବୀ ଖାଲି ପଡ଼ିଥିଲା।

***HS***

# ପାଣିପାଗ

ପଶ୍ଚିମାଝଡ଼ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବର୍ଷା ସାଙ୍ଗକୁ କୋହଲା ପାଗ ଅନୁଭୂତ ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ଅନୁଗୁଳ, ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଜପତି ଓ ଗଞ୍ଜାମ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ରାଜ୍ୟର ସର୍ବନିମ୍ନ

ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

*********************************